ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୨୯

ବୁଲେଟିନ ନମ୍ବର :୫୮
ତାରିଖ : ୨୨.୦୭.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୬.୦୭.୨୦୨୫ ରୁ ୨୨.୦୭.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୬.୩ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୨.୬-୩୫.୬ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୨-୨୭.୭ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୭.୦୭.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 23-07-2025 | 3 | 34 | 25 | 5 | 87 | 50 | 1 | 146 |
| 24-07-2025 | 7 | 35 | 26 | 5 | 88 | 56 | 4 | 294 |
| 25-07-2025 | 18 | 34 | 26 | 6 | 89 | 68 | 11 | 290 |
| 26-07-2025 | 27 | 33 | 26 | 7 | 91 | 76 | 12 | 277 |
| 27-07-2025 | 8 | 33 | 25 | 5 | 92 | 76 | 10 | 250 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**
ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୧-୧୨ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୩-୩୫ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୫-୨୬ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୭ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୦-୭୬ ପ୍ରତିଶତ ମଧ୍ୟରେ ରହିବ ।

**ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)** ଆସନ୍ତା ୨୩ ଓ ୨୪ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି । ୨୫ ଓ ୨୬ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

**ଆଗାମୀ ୨ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**
ପ୍ରଥମ ସପ୍ତାହ: (୧୮ଜୁଲାଇ ରୁ ୨୪ଜୁଲାଇ ୨୦୨୫)
ଓଡିଶାର ସମସ୍ତ ଜିଲ୍ଲାରେ ବ୍ୟାପକ ରୂପେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ଓ କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।
ଦ୍ୱିତୀୟ ସପ୍ତାହ: (୨୫ଜୁଲାଇ ରୁ ୩୧ଜୁଲାଇ ୨୦୨୫)
ଓଡିଶାର ସମସ୍ତ ଜିଲ୍ଲାରେ ବ୍ୟାପକ ରୂପେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ଓ କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ମୋଟ ଉପରେ ସ୍ୱାଭାବିକ ଠାରୁ ସାମାନ୍ୟ ଅଧିକ ବର୍ଷା ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଆଗକୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଥିବାରୁ, ଚାଷୀ ଭାଇ ମାନେ ମାଣ୍ଡିଆ, ରାଶି ଓ ଚିନାବାଦାମ ବୁଣାବୁଣି, ଶୀର୍ଷ ସାର ଓ କୀଟନାଶକ ପ୍ରୟୋଗ ସାମୁହିକ ସ୍ଥଗିତ ରଖନ୍ତୁ ।
- ବର୍ତ୍ତମାନ ଧାନ ମାଣ୍ଡିଆ ଆଦି ରୁଆ କାର୍ଯ୍ୟ ଶେଷ କରିଦିଅନ୍ତୁ ।
- ଖରିଫ ମକା/ ଡାଲି ଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ପନିପରିବା ତଳିଘେରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
| --- | --- | --- |
| ଧାନ | ତଳି ରୋପଣ ଅବସ୍ଥା | • ୨୧ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ ଟି ତାଳି ଲଗାନ୍ତୁ ।<br>• ଧାନ ରୋଇବାର ୩ଦିନ ମଧ୍ୟରେ ଏକର ପ୍ରତି ୬୦୦-ମି.ଲି. Pretilachlor ଘାସମରା ଔଷଧ କିମ୍ବା ୫୦ଗ୍ରାମ Oxadiargyl କିମ୍ବା ८0-ଗ୍ରାମ Pyrazosulfuron Ethyl ପ୍ରୟୋଗ କରନ୍ତୁ । ମନେରଖନ୍ତୁ ଘାସମରା ଔଷଧକୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କେଜି ବାଲିରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରନ୍ତୁ। |
| ଆଖୁ | ଅଭିବୃଦ୍ଧି ଅବସ୍ଥା | • ଆଖୁ ଗଛ ୪-୫ ମାସର ହୋଇଗଲେ କାଣ୍ଡ ବିନ୍ଧାପୋକ ଦ୍ୱାରା ଆକ୍ରାନ୍ତ ପିଲ ଏବଂ  ବିଳମ୍ବରେ ଆସିଥିବା ପିଲ ଗୁଡିକୁ ବାହାର କରି ତଳ ଶୁଖିଲା ପାତ୍ରକୁ କାଢି ୨-୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।<br>• ଆଖୁରେ ପବବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଜୈବିକ ଉପାୟରେ ଏକର ପ୍ରତି ଗୋଟିଏ ଲେଖାଏଁ Trichogramma chilonis କାର୍ଡ ପ୍ରତି ସପ୍ତାହ ଅନ୍ତରରେ ୬ଥର ବ୍ୟବହାର କରନ୍ତୁ । କାର୍ଡଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟି ସ୍ଥାନରେ ଲଗାନ୍ତୁ । |
| ମାଣ୍ଡିଆ | ଚାରା ଅବସ୍ଥା | • ମାଣ୍ଡିଆ ବୁଣିବାର ୧-୨ଦିନ ମଧ୍ୟରେ ଓ ରୁଆ ଫସଲରେ ରୋଇବାର ୪-୫ ଦିନ ପରେ ଏକର ପ୍ରତି ୫୦୦ ମିଲି Pretilachlor ୫୦% EC କିମ୍ବା ୧୦୦୦ ମିଲି Pendimethaline ୩୦% EC ଘାସମରା ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |
| ଚିନାବାଦାମ | ବୁଣିବା ଠାରୁ ଅବିବୃଦ୍ଧି ଅବସ୍ଥା | • ଚିନାବାଦାମ ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ ତୃଣକମାରୀ ପ୍ରୟୋଗ କରି ନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି Imazethapyr ଘାସମରା କିମ୍ବା ୪୦୦ମିଲି Quizalofop Ethyl, ୨୦୦ ମିଲି ପାଣିରେ ମିଶାଇ ସିଂଚନ କରନ୍ତୁ । |
| କଦଳୀ | ପୁଆ ରୋପଣ ଅବସ୍ଥା | • କଦଳୀ ଗଛରେ ତେରା ଦିଅନ୍ତୁ ଓ ଅତ୍ୟଧିକ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• କଦଳୀ ଗଛରେ ପାନାମା ଝାଉଁଳା ରୋଗ ନିୟନ୍ତ୍ରଣ କରିବା ପାଇଁ ରୋଗ ବିହୀନ ପୁଆ ଯଥା ବନ୍ତଳ, କାବୁଲି, ରୋବଷ୍ଟା, ଚମ୍ପା ଆଦି କିସମ ଚୟନ କରନ୍ତୁ।<br>• ପ୍ରତି ୧୦ ଲିଟର ପାଣିରେ ୧୦-ଗ୍ରାମ କାରବେନଡାଜିମ (Carbendazim) ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣରେ ପୁଆ ଗୁଡିକୁ ବୁଡାଇ ବିଶୋଧନ କରନ୍ତୁ।<br>• ପୁଆ ଲଗାଇବାର ୫ମାସ ପରେ ପ୍ରତି ୨ମାସରେ ଥରେ ପ୍ରତି ୧୦ ଲିଟର ପାଣିରେ ୧୦-ଗ୍ରାମ ହିସାବରେ କରବେନଡାଜିମ (Carbendazim) ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣ  ଗଛ ମୂଳ ମାଟିକୁ ଭଲ ଭାବରେ ଭିଜାନ୍ତୁ। |
| ବିନ | ମଞ୍ଜି ଲଗାଇବା ଅବସ୍ଥା | • ଓଡିଶାର ଜଳବାୟୁ ପାଇଁ ବିନର କିଛି ଉପଯୋଗୀ କିସମ ଗୁଡିକ ହେଲା ଫାଲ୍‌ଗୁନୀ , ଅର୍କା କୋମଲ, କଣ୍ଟେଣ୍ଡର, ପୁଷା ପାର୍ବତୀ ଇତ୍ୟାଦି । ସେହିପରି କିଛି ଲତା ଜାତୀୟ କିସମ ହେଲା କେଞ୍ଝୁକୀ ୱାଣ୍ଡର, ପୁଷା ହେମଲତା ଇତ୍ୟାଦି ।<br>• ଏକ ଏକର ଜମିରେ ୨୦-୩୦ କେଜି ବୁଦା ଜାତୀୟ ବିହନ ଓ ୧୦-୧୨ କେଜି ଲତା ଜାତୀୟ ବିହନ ଆବଶ୍ୟକ ହୁଏ । |
| ବାଇଗଣ | ଚାରା ରୋପଣ ଅବସ୍ଥା | • ବର୍ଷା ପରେ ବାଇଗଣ ଫସଲରେ ତଳି ଘେରାରେ ଘେରାକଟା ରୋଗ ନହେବା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ୧କିଲୋଗ୍ରାମ ବିହନରେ ୪ଗ୍ରାମ Trichoderma asperellum କିମ୍ବା ୧୦ଗ୍ରାମ Pseudomonas fluorescens ମିଶାଇ ବିଶୋଧନ କରନ୍ତୁ ।<br>• ତଳିଘେରାରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଯେପରିକି ଠିଆ ପାଣି ଜମିରେ ନରୁହେ ।<br>• ଘେରାକଟା ରୋଗ ହୋଇ ତଳି ମାରିବା ଦେଖାଦେଲେ, ୧୦ ଲିଟର ପାଣିରେ ୨୦ଗ୍ରାମ Metalaxyl ଓ Mancozeb ମିଳିତ ଫିମ୍ପିନାଶକ ମିଶାଇ, ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ । |
| କନ୍ଦମୂଳ | ଲଗାଇବା ଅବସ୍ଥା | • ବର୍ତ୍ତମାନ କନ୍ଦମୂଳ ଲଗାଇବା ପାଇଁ ଉପଯୁକ୍ତ ସମୟ ।<br>• ଗୌରୀ, ଭୁବନ ଶଙ୍ଖ, ପୁଷା ସଫେଦ ଓ ସମ୍ରାଟ ଆଦି କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ । ୬୦ସେମି ବ୍ୟାବଧାନରେ ହୁଡା ଟେକି ୧୦୦ ରୁ ୧୨୫ଗ୍ରାମ ଓଜନର ସୁସ୍ଥ ସବଳ କନ୍ଦମୂଳ ୨୫ ସେମି ବ୍ୟବଧାନରେ ଲଗାନ୍ତୁ । |
| ପଶୁ ପାଳନ | • ବର୍ଷା ଋତୁରେ ବାହ୍ୟ ପରଜୀବୀ ଯଥା ଟିଙ୍କ ଓ ଉକୁଣି ଆଦି ରୋକିବା ପାଇଁ ଗାଈ ଗୁହାଳକୁ ନିୟମିତ ଭାବେ ସଫା ସୁତରା ରଖନ୍ତୁ ।<br>• ଗୁହାଳରେ ପାଣି ଜମି ରହିଲେ ଗାଈ ମାନଙ୍କୁ ବର୍ଷା ଜନିତ ରୋଗ ହେବାର ସମ୍ଭାବନା ଅଛି ତେଣୁ ପର୍ଯ୍ୟାପ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ବର୍ଷା ଦିନେ ଗାଈଗୋରୁ ମାନଙ୍କୁ ହଇଜା ଓ ଶ୍ୱାସ କ୍ରିୟା ଜନିତ ରୋଗ ହେବାର ସମ୍ଭାବନା ଅଛି । ତେଣୁ ନିୟମିତ ପର୍ଯ୍ୟବେକ୍ଷଣ କରି ଏହି ସବୁ ରୋଗର ଲକ୍ଷଣ ଦେଖିଲେ ନିକଟସ୍ଥ ପଶୁ ଡକ୍ଟରଙ୍କୁ ପରାମର୍ଶ କରନ୍ତୁ । | |
| କୁକୁଡା ପାଳନ | • ବର୍ଷା ଦିନେ କୁକୁଡା ଘର ଚାରିପାଖେ ପାଣି ଜମି ନରହିବା ପାଇଁ ଓ ମଶା ପ୍ରଜନନ ରୋକିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ବର୍ଷା ଯୋଗୁଁ ଅସୁସ୍ଥତା ଓ କକ୍ସିଡିଓସିସ ରୋଗର ଲକ୍ଷଣ ଦେଖା ଦେଇପାରେ । ତେଣୁ କୁକୁଡା ମାନଙ୍କୁ ନିୟମିତ | |

| | |
|---|---|
| | ପର୍ଯ୍ୟବେକ୍ଷଣ କରନ୍ତୁ । |
| ଛେଳି ପାଳନ | • ବର୍ଷା ଋତୁରେ ଛେଳି ମାନଙ୍କୁ Pestedespetits Ruminants (PPR) ଓ Enterotoxaemia (ET)ରୋଗ ହେବାର ସମ୍ଭାବନା ଅଛି । ଏଥି ପାଇଁ ଉଚିତ ଟୀକା କରଣ କରନ୍ତୁ । |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)